# ଅସନ୍ତୁଷ୍ଟ ଅଭିଭାବକ ବୈଠକ ପରେ ପିଲାଙ୍କୁ ଫେରାଇ ନେଲେ

## ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଅବ୍ୟବସ୍ଥା

ମୋହନା,୮।୨(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ଅବ୍ୟବସ୍ଥାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଭାବକମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ ନାୟକ, ଜିଲା ଶିକ୍ଷା ଅଧିକାରୀ ମାୟାଧର ସାହୁ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ବିଦ୍ୟାଳୟକୁ ଗସ୍ତ କରି ସ୍ଥାନୀୟ ସମିତିସଭ୍ୟ ବାଳକୃଷ୍ଣ ମଲ୍ଲିକ, କର୍ଚବାଡି ସମିତି ସଭ୍ୟ ଚୁନା ମଲ୍ଲିକ, ସମସ୍ତ ଅଭିଭାବକ ଓ ବିଦ୍ୟାଳୟ ସମ୍ପାଦକ ଦଣ୍ଡାସି ସାହୁଙ୍କ ସହ ସାକ୍ଷାତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହା ଗଜପତି ଜିଲାରେ ଏକମାତ୍ର ବିଦ୍ୟାଳୟ ହୋଇଥିବା ବେଳେ ବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶିକ୍ଷକମାନେ ନିୟମିତ ରହୁ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଦୀର୍ଘ ବର୍ଷ ହେଲା ପରିଚାଳନା କମିଟି ପରିବର୍ତ୍ତନ ହୋଇନାହିଁ କି କମିଟି ବୈଠକ ହେଉନାହିଁ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ସମ୍ପାଦକ ସାହୁ କେତେ ଜଣ ବ୍ୟକ୍ତିଙ୍କୁ ନେଇ କମିଟି ଗଠନ କରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଭାବକମାନେ ପରିଚାଳନା କମିଟି ସଦସ୍ୟଙ୍କୁ ପରିବର୍ତ୍ତନ କରି ନୂଆ କମିଟି ଗଠନ କରି ବିଦ୍ୟାଳୟ ଅବ୍ୟବସ୍ଥା ଦୂର କରିବାକୁ ଦାବି କରିଥିଲେ। ଦୀର୍ଘ ୩ଘଣ୍ଟା ଆଲୋଚନା ପରେ ଆସନ୍ତା ୨୫।୨।୨୫ରେ ବୈଠକ କରାଯିବ ବୋଲି ଅଭିଭାବକମାନଙ୍କୁ ପ୍ରତିଶ୍ରୁତି ମିଳିବା ପରେ ବୈଠକ ଶେଷ ହୋଇଥିଲ। ସମ୍ପାଦକ ସାହୁ ପ୍ରତିଶ୍ରୁତି ଦେଇଥିବା ତାରିଖରେ ଯଦି ବୈଠକ ନ ହୁଏ ତେବେ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଅଭିଭାବକମାନେ ଚେତାବନୀ ଦେଇ ବିଦ୍ୟାଳୟକୁ ଆସିଥିବା ସେମାନଙ୍କ ପିଲାଙ୍କୁ ଫେରାଇ ନେଇଛନ୍ତି। ଅନ୍ୟପକ୍ଷରେ ସମ୍ପାଦକ ସାହୁ ବହୁ ବର୍ଷହେବ ବିଦ୍ୟାଳୟକୁ ଅନୁଦାନ ଆସିନଥିବା ହେତୁ ଏହିପରି ସମସ୍ୟା ଦେଖାଦେଇଛି ବୋଲି କହିଛନ୍ତି।


ବୈଠକରେ ଯୋଗ ଦେଇଥିବା ଅଭିଭାବକମାନେ।

# ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବିରେ ସ୍କୁଲରେ ତାଲା


ଧାରଣାରେ ଛାତ୍ରୀଛାତ୍ର ଓ ଅଭିଭାବକ ।

ଗଞ୍ଜାମ,୮।୨(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ଖଟୁଆକୁଦା ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦିବ୍ୟସିଂହ ପଲାଇଙ୍କ ବଦଳି ହୋଇଯାଇଛି। ଯାହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେବା ସହ ଶନିବାର ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ସ୍ଲୋଗାନ ଦେଇଥିଲେ। ଏହି ପ୍ରତିବାଦକୁ ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ ଦୃଢ ସମର୍ଥନ କରିଛନ୍ତି। ଫଳରେ ଶିକ୍ଷକମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ଗୃହ ଥିବା ବେଳେ ତିନିଜଣ ଶିକ୍ଷକ ନିଯୁକ୍ତି ଥିଲେ। ସ୍କୁଲ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ଦାବି ପରେ ଗତ କିଛି ମାସ ତଳେ ଜଣେ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତ କରିଥିଲେ ବ୍ଲକ ଶିକ୍ଷା ବିଭାଗ। ଗଣିତ ଏବଂ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ ଶିକ୍ଷକଙ୍କୁ ବଦଳି କରିଲେ ପିଲାମାନେ କିଭଳି ଶିକ୍ଷା ଲାଭ କରିବେ ବୋଲି ପରିଚାଳନା କମିଟି ସଭାପତି ଶବର ତରାଇ ପ୍ରଶ୍ନ କରିଛନ୍ତି। ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର କରାନଗଲେ ଆଗାମୀ ଦିନରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସ୍କୁଲ ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ଭଲିଆପାଣି ସରକାରୀ ବିଦ୍ୟାଳୟର ବାର୍ଷିକୋତ୍ସବ

ତୁମୁଡିବନ୍ଧ,୮।୨(ଦୀପକ କୁମାର ପରା ସେଠ)

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଭଲିଆପାଣି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ବଂଶୀଧର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ତୁମୁଡ଼ିବନ୍ଧ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୀପକ୍‌ସିଂ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୃନ୍ଦାବନ ମହାପାତ୍ର, ସମ୍ମାନିତ ଅତିଥି ରାଙ୍ଗାପାରୁ ମଡେଲ ସ୍କୁଲର ଶିକ୍ଷକ ଦିଲ୍ଲୀପ ବରାଡ଼, ଗୁମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଡ. ଦିଲ୍ଲୀପ ବେହେରା, ଜଲେଶପଟା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା ସାମଲ, ବେଲଘର ଉଚ୍ଚ ବିଦ୍ୟାଳୟ ପ୍ର‌ଧାନ ଶିକ୍ଷୟିତ୍ରୀ ରାଧାରାଣୀ ଦଳେଇ, ଶିକ୍ଷକ କାଳୀ ଚରଣ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ମାଝି ଓ ଶିକ୍ଷକ ଟିଡ଼ିଙ୍ଗା ଜାନୀ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ମହାପାତ୍ର ଶୈକ୍ଷିକ ବାତାବରଣରେ ଭଲ ଭାବରେ ପାଠ ପଢ଼ିଲେ ଭଲ ମଣିଷ ହୋଇ ସମାଜର ଦର୍ପଣ ସାଜିବ। କୁନି କୁନି ପିଲାମାନେ ତୁମେ ପରିଶ୍ରମ କର ଫଳ ନିଶ୍ଚିତ ପାଇବ। ସେହି ଫଳ ବହୁତ ମିଠା ବୋଲି କହିଥିଲେ। ଏହି ଅବସରରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ୩ ବ୍ଲକର ପରିଚାଳକ, ମାଟ୍ରନଙ୍କୁ ତାଲିମ

ଆର.ଉଦୟଗିରି,୮।୨(ମନୋଜ କୁମାର ପାଢୀ)

ଶିଶୁମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି ପ୍ରଶାସନ ପକ୍ଷରୁ ଶନିବାର ଗଜପତି ଜିଲା ମୋହନା, ନୂଆଗଡ଼ ଓ ଆର.ଉଦୟଗିରି ବ୍ଲକର ସରକାରୀ ଆଦିବାସୀ ଛତ୍ରାବାସ ଓ ଛାତ୍ରୀନିବାସ ଦାୟିତ୍ୱରେ ଥିବା ପରିଚାଳକ ଓ ମାଟ୍ରନଙ୍କ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଧନ ବ୍ୟକ୍ତି ରୂପେ ଅମିୟ ତ୍ରିପାଠୀ ଶିଶୁ ସୁରକ୍ଷା ଶିଶୁ ଅଧିକାରୀ ଅରୁଣ ତ୍ରିପାଠୀ ଉପସ୍ଥିତ ରହି ଯୌନ ନିର୍ଯାତନାରୁ ଶିଶୁଙ୍କୁ ରକ୍ଷା କରିବା ଓ ସେମାନଙ୍କ ନିରାପତ୍ତାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ବୁଝାଇଥିଲେ। କାର୍ଯ୍ୟକ୍ରମରେ ଆର .ଉଦୟଗିରି ବିଡିଓ ଲରିମନ ଖର୍ସେଲ, ଜିଲା ମଙ୍ଗଳ ଅଧିକାରୀ ସଲମନ ରାଇକା ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ ।

# ଗ୍ୟାସ ଦୁର୍ଘଟଣାରେ ୫ ଆହତଙ୍କ ମଧ୍ୟରୁ ଜଣେ ମୃତ

ଚିକିଟି/ଦିଗପହଣ୍ଡି,୮।୨(ପ୍ରକାଶ ଚନ୍ଦ୍ର ସାହୁ/ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଜେନାପୁର ଗ୍ରାମର ଜଣେ ଦାଦନ ଶ୍ରମିକ ବେଙ୍ଗାଲୁର ଗ୍ୟାସ ଦୁର୍ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତି ୧୧ଟାରେ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଜେନାପୁର ଗ୍ରାମର ସନ୍ତୋଷ ବେହେରା। ସୂଚନାଯୋଗ୍ୟ ଜେନାପୁର ଗ୍ରାମର ସନ୍ତୋଷଙ୍କ ସମେତ ପବିତ୍ର ସେଠୀ, ବିପିନ ସେଠୀ, ସାରଥୀ ସେଠୀ ଓ ରୁନା ସାହୁ ୧୫ ଦିନ ତଳେ ବେଙ୍ଗାଲୁରୁ ଯାଇ ଏକ ଘରୋଇ ସ୍ପେୟାରପାର୍ଟସ୍ କମ୍ପାନୀରେ କାମ କରୁଥିଲେ। ମଙ୍ଗଳବାର ରାତି ୯ଟାରେ ରୋଷେଇ କରୁଥିବା ବେଳେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟିବାରୁ ସେମାନେ ଆହତ ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ତୋଷଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକଙ୍କ ଆର୍ଥିକ ସମ୍ବଳ ନ ଥିବାରୁ ସନ୍ତୋଷଙ୍କ ମୃତଦେହ ଗ୍ରାମକୁ ଆଣିବା ପାଇଁ ଗଞ୍ଜାମ ଜିଲା ପ୍ରଶାସନ ସହାୟତା କରିବାକୁ ଗ୍ରାମବାସୀ ନିବେଦନ କରିଥିଲେ। ଶନିବାର କମ୍ପାନୀ ତରଫରୁ ମୃତଦେହକୁ ନିଜ ଗ୍ରାମକୁ ଆଣିବା ପାଇଁ ୫୫ହଜାର ଟଙ୍କା ଦେବା ସହ ମୃତକଙ୍କ ପରିବାରଙ୍କୁ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

# ଖଣି ସର୍ଭେ ବନ୍ଦ କରିବାକୁ ବସିଲା ବୈଠକ

## ବିଜାଲୀ ଗ୍ରାମବାସୀଙ୍କ ଦାବି


ବୈଠକରେ ଉପସ୍ଥିତ ଗ୍ରାମବାସୀ।

ଦାରିଙ୍ଗବାଡ଼ି,୮।୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ଗ୍ରାମ ପଞ୍ଚାୟତର ବିଜାଲି ଗ୍ରାମରେ ଖଣି ସର୍ଭେକୁ ନେଇ ଅନେକ ଆଶଙ୍କା ସୃଷ୍ଟି ହୋଇଛି । ଗ୍ରାମବାସୀଙ୍କୁ କୌଣସି ସୂଚନା ନ ଦେଇ ଗ୍ରାମରେ କିଛି ଅଜଣା ବ୍ୟକ୍ତି ପହଞ୍ଚି ନିକଟସ୍ଥ ଗାଁର କିଛି ଦିନ ମଜୁରିଆଙ୍କୁ ଧରି ସର୍ଭେ ଚଳାଇଥିବାରୁ ଲୋକମାନଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଛି । ଏପରି ସର୍ଭେକୁ ଗାଁ ଲୋକମାନେ ବିରୋଧ କରିବାରୁ ସର୍ଭେ ଦଳ ଗାଁରେ ଖଣି ଖୋଳା ହେଲେ ତମର ଉନ୍ନତି ହେବ ଓ ଗାଁର ପାଠପଢ଼ା ପିଲା ଚାକିରି ପାଇବେ ବୋଲି କହିଥିଲେ। କିନ୍ତୁ ଗାଁ ଲୋକ ସେମାନଙ୍କ କଥାରେ ଅରାଜି ଥିବାରୁ ବ୍ରାହ୍ମଣୀଗାଁ ରାଜସ୍ୱ ଅଧିକାରୀ ଏବଂ ଥାନା ଅଧିକାରୀ ଗାଁ ଲୋକଙ୍କୁ ଡ଼ାକି ସର୍ଭେ ଦଳକୁ ସହଯୋଗ କରିବାକୁ କହିଥିଲେ। ହେଲେ କନ୍ଧମାଳ ଜିଲ୍ଲା ଏକ ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ଗ୍ରାମସଭାର ଅନୁମୋଦନ ବିନା ଏଠି କୌଣସି ବିକାଶ ମୂଳକ କାମ ହୋଇପାରିବ ନାହିଁ, ସର୍ଭେ ବନ୍ଦ କରାଯାଉ ବୋଲି ଲୋକେ ସର୍ବସମ୍ମତ କ୍ରମେ ବୈଠକ କରି ନିଷ୍ପତ୍ତି ନେଇଛନ୍ତି। ଯାହାର ଏକ ନକଲ ଜିଲାପଳାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସକଙ୍କୁ ପ୍ରଦାନ କରାଯାଇଛି ବୋଲି ୱାର୍ଡ ସଭ୍ୟା ସସ୍ମିତା ମଳିକ, ଜଙ୍ଗଲ ଅଧିକାର କମିଟିର ସଭାପତି ସନା ମଳିକ, ସମ୍ପାଦକ ପାତ୍ର ମଳିକଙ୍କ ପକ୍ଷରୁ କୁହାଯାଇଛି। ସୂଚନା ଯୋଗ୍ୟଯେ, ଉକ୍ତ ପଞ୍ଚାୟତ କୁମ୍ଭାରିପଦର ଗ୍ରାମରେଗତ ତିତିଲି, ହୁଡ଼ ହୁଡ଼ ସମେତ ଅନ୍ୟ ବାତ୍ୟା ସମୟରେ ବାରମ୍ବାର ଭୂସ୍ଖଳନ ହୋଇଥିଲା। ପ୍ରତିବର୍ଷ ବାତ୍ୟା ଆସିବା କିମ୍ବା ଲଘୁଚାପ ବର୍ଷା କାରଣରୁ ଉକ୍ତ ଅଞ୍ଚଳରେ ବାରମ୍ବାର ଭୂସ୍ଖଳନ ଜିଲ୍ଲା ପ୍ରଶାସନର ଚିନ୍ତାର କାରଣ ହୋଇଥିଲା ପରବର୍ତ୍ତୀ ସମୟରେ ଭୁତତ୍ତ୍ୱବିଦ ବିଭାଗ ପକ୍ଷରୁ କୁମ୍ଭାରିପଦର ଗ୍ରାମରେ ମାଟି, ବାଲି, ପଥର ଆଦି ପରୀକ୍ଷଣ ପାଇଁ ପଠାଯାଇଥିଲା। ଯାହାକି ସେଠାରେ ବକ୍ସାଇଟ ଭଳି ଖଣିର ସନ୍ଧାନ ଥିବା ଆଶଙ୍କା କରାଯିବା ସହ ଉକ୍ତ ଅଞ୍ଚଳର କୁମ୍ଭାରିପଦର ସମେତ ବିଜାଲି ଓ ବିଭିନ୍ନ ଅଞ୍ଚଳକୁ ଭୁତତ୍ତ୍ୱବିଦ ବୈଜ୍ଞାନିକ ମାନେ ବାରମ୍ବାର ପରିଦର୍ଶନ ଜାରିରଖିଛନ୍ତି। ଫଳରେ ଉକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଥିବା କୁହାଯାଇଛି।

# କିଶୋରୀ ସଚେତନତା କାର୍ଯ୍ୟକ୍ରମ

ଦିଗପହଣ୍ଡି,୮।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ମିଶନ ଶକ୍ତି ଭବନ ଠାରେ ଶନିବାର ସେକ୍ଟରସ୍ତରୀୟ କିଶୋରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡ଼ି ସୁପରଭାଇଜର ବିଳାସିନୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ପୁଷ୍ପାଞ୍ଜଳି ଶତପଥି ଅଧ୍ୟକ୍ଷତା କରିଥିଲେ। ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ, ଆଙ୍କୋରଡା ସରପଞ୍ଚ ରୀନା ପ୍ରଧାନ, ପ୍ରତିନିଧି ଶିଶିର ପ୍ରଧାନ, ବ୍ଲକ ସଂଯୋଜକ ଦୁର୍ଯ୍ୟୋଧନ ମଲ୍ଲିକ, ବିଦ୍ୟାଧର ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। କିଶୋରୀ ମାନଙ୍କ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ସହ ଲିଙ୍ଗଗତ ସମାନତା, ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ନିଷେଧ ଅଧିନିୟମ, ବାଲ୍ୟବିବାହ ନିରୋଧ ଆଦି ସମ୍ପର୍କରେ ଅତିଥି ମାନେ ବୁଝାଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା।


## NOTICE INVITING TENDER
### OFFICE OF THE DISTRICT MANAGER
### ODISHA STATE CIVIL SUPPLIES CORPORATION LTD. (OSCSC)

No. CAD-2504

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**JHARSUGUDA BLOCK/JHARSUGUDA MPL/BRAJRAJNAGAR MPL**

**Tender No. 474** **Dt.06.02.2025**

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: **www.oscsc.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: **www. tendersodisha.gov.in** upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

**N.B.:**1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal **www. tendersodisha.gov.in** along with district website. Amendments/Corrigendum/ Cancellation/Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**

## NOTICE INVITING TENDER
### OFFICE OF THE DISTRICT MANAGER
### ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**KIRMIRA BLOCK**

**Tender No. 476** **Dt.06.02.2025**

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: **www.oscsc.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: **www. tendersodisha.gov.in** upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

**N.B.:**1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal **www. tendersodisha.gov.in** along with district website. Amendments/Corrigendum/ Cancellation/Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**

## NOTICE INVITING TENDER
### OFFICE OF THE DISTRICT MANAGER
### ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**KOLABIRA BLOCK**

**Tender No. 478** **Dt.06.02.2025**

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: **www.oscsc.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: **www. tendersodisha.gov.in** upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

**N.B.:**1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal **www. tendersodisha.gov.in** along with district website. Amendments/Corrigendum/ Cancellation/Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**

## NOTICE INVITING TENDER
### OFFICE OF THE DISTRICT MANAGER
### ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**LAIKERA BLOCK**

**Tender No. 480** **Dt.06.02.2025**

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: **www.oscsc.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: **www. tendersodisha.gov.in** upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

**N.B.:**1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal **www. tendersodisha.gov.in** along with district website. Amendments/Corrigendum/ Cancellation/Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**

## NOTICE INVITING TENDER
### OFFICE OF THE DISTRICT MANAGER
### ODISHA STATE CIVIL SUPPLIES CORPORATION LTD. (OSCSC)

DISTRICT: JHARSUGUDA, PHONE NO.: 9438200044
District Website: jharsuguda.odisha.gov.in

**LAKHANPUR BLOCK/BELPAHAR MPL**

**Tender No. 482** **Dt.06.02.2025**

**Cost of Tender Document: Rs.1000/- inclusive of GST for each Unit.**

Online tenders are invited from eligible bidders for selection and appointment of transport contractors for transportation of Paddy from Paddy Purchase Centres (PPC) to rice mills within in district or outside the district within the State of Odisha.

| | | |
|---|---|---|
| 1 | Availability of tender documents | From Dt.07.02.2025 downloadable from website: **www.oscsc.in & www.tendersodisha.gov.in** |
| 2 | Date, Time & Venue for Pre-bid Conference | On Dt.12.02.2025 at 11.30 A.M. in the Office of CSO-cum-DM, OSCSC Ltd., Jharsuguda |
| 3 | Last date and time for online submission of completed tender documents with Enclosures | Through e-Procurement Portal: **www. tendersodisha.gov.in** upto 05.30 P.M. on Dt.21.02.2025 |
| 4 | Date, Time and Venue for opening of Technical Bid by the Tender Committee | On Dt.25.02.2025 at 11.30 A.M. in Office Chamber ADM (Revenue), Jharsuguda |
| 5 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after Technical Bid |

**N.B.:**1. If the office happens to be closed on the date of opening of tenders, tenders will be opened on the next working day in the same time.
2. Tender documents & other details can be seen from the e-procurement protal **www. tendersodisha.gov.in** along with district website. Amendments/Corrigendum/ Cancellation/Retenders etc. if any shall be published only in above websites.

**Sd./- CSO-cum-District Manager**
**OSCSC Ltd., Jharsuguda**

OIPR-07011/11/0002/2425

## ସଂକ୍ଷେପରେ

### ଡାକ୍ତରଙ୍କୁ ରୋଗୀ ସମ୍ପର୍କୀୟଙ୍କ ମାଡ଼ ଅଭିଯୋଗ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲର ଅସ୍ଥିଶଲ୍ୟ ବିଭାଗର ଜଣେ ପିଜି ଡାକ୍ତରଙ୍କୁ ରୋଗୀ ସମ୍ପର୍କୀୟ ମାଡ ମାରିଥିବା ଅଭିଯୋଗ ହୋଇଛି । ଏ ନେଇ ସଂପୃକ୍ତ ଡାକ୍ତରଙ୍କ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ପୁରୁଷୋତ୍ତମପୁର ଅଞ୍ଚଳର ଜଣେ ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ୩ ଦିନ ତଳେ ସମ୍ପୃକ୍ତ ବିଭାଗରେ ଭର୍ତ୍ତି ହୋଇଥିଲେ। ସେହି ବୃଦ୍ଧାଙ୍କ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତରମାନେ କହିବା ସହ ତାଙ୍କୁ ଟ୍ରମା କେୟାର ସେଣ୍ଟରରେ ରଖାଯାଇଥିଲା । ଶୁକ୍ରବାର ତାଙ୍କର ଅସ୍ତ୍ରାପଚାର ହେବାର ଥିଲା । ହେଲେ ତାଙ୍କ ଶରୀରରେ ରକ୍ତ ଶର୍କରା ବଢିଯାଇଥିବା ଓ ଲିଭରରେ ସମସ୍ୟା ଥିବାରୁ ଅସ୍ତ୍ରାପଚାର ହୋଇପାରିବ ନାହିଁ ବୋଲି ବିଭାଗର ଜଣେ ପିଜି ଡାକ୍ତର କହିଥିଲେ । ଏଥିରେ ବୃଦ୍ଧାଙ୍କ ପୁଅ ଉତ୍କ୍ଷିପ୍ତ ହୋଇ ପିଜି ଡାକ୍ତରଙ୍କୁ ମାଡ ମାରିଥିଲେ । ଖବରପାଇ ପୋଲିସ ପହଞ୍ଚି ବୃଦ୍ଧାଙ୍କ ପୁଅକୁ କାବୁ କରିଥିଲା ।

### ରେଳଧାରଣରୁ ମୃତଦେହ ଜବତ: ମହିଳାଙ୍କ ଆତ୍ମହତ୍ୟା ସନ୍ଦେହ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ ଶନିବାର ବ୍ରହ୍ମପୁର ରେଳଷ୍ଟେସନ ଶେଷମୁଣ୍ଡ ରେଳଧାରଣରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରୁଛି ପୋଲିସ। ନଂ.୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ୪ଦିନ ଯାଏଁ ଏମକେସିଜିରେ ସଂରକ୍ଷିତ ରଖାଯାଇଛି। ପ୍ରାଥମିକ ତଦନ୍ତରୁ ମହିଳା ଜଣଙ୍କ ଚଳନ୍ତା ରେଳ ଆଗକୁ ଆସି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବ୍ରହ୍ମପୁର ରେଳଷ୍ଟେସନ ରାମନଗର ପଟକୁ ୧ନଂ ପ୍ଲାଟଫର୍ମ ଶେଷ ମୁଣ୍ଡରେ ଏକ ମୃତଦେହ ପଡିଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସ ପହଞ୍ଚି ମୃତଦେହ ଚିହ୍ନଟ ପାଇଁ ଦୀର୍ଘ ସମୟ ଧରି ଆଖପାଖ ଲୋକଙ୍କୁ ପଚରାଉଚରା କରିଥିଲା। ହେଲେ ମହିଳାଙ୍କୁ କେହି ଚିହ୍ନି ପାରିନଥିଲେ। ତାଙ୍କ ପରିଚୟ ଜାଣିବା ପାଇଁ ପୋଲିସ ଜିଲାର ବିଭିନ୍ନ ପୋଲିସ ଷ୍ଟେସନକୁ ଫୋଟ ପଠାଇଛି। ପରିଚୟ ଜଣାପଡିବା ପରେ ସେ କାହିଁକି ଓ କିପରି ଏଠାକୁ ଆସି ରେଳଧାରଣରେ ଆତ୍ମହତ୍ୟା କରିଥିଲେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଲକ୍ଷ୍ୟ ଏକ, ତରିକା ଅନେକ

## ମହିଳାଙ୍କୁ ଟାର୍ଗେଟ, ୭ ଦିନରେ ୭୮ ଗ୍ରାମ ଅଳଙ୍କାର ଲୁଟ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ) ସହରରେ ଏବେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ରହିଛନ୍ତି। ଏହି ଗ୍ୟାଙ୍ଗର ଟାର୍ଗେଟ ବନିଛନ୍ତି ମହିଳାମାନେ। ଲୁଟେରା ଗ୍ୟାଙ୍ଗର ଲକ୍ଷ୍ୟ ଏକ ଥିବା ବେଳେ ସେମାନେ ବିଭିନ୍ନ ସ୍ଥାନରେ ଲୁଟ କରିବା ପାଇଁ ନୂଆ ନୂଆ ତରିକା ଆପଣେଉଛନ୍ତି। କେତେବେଳେ ବେକରୁ ସୁନାହାର ଝାମ୍ପି ନେଇଗଲେଣି ତ ଆଉ କେତେବେଳେ ଗାଁକୁ ରାସ୍ତା ପଚାରି ଲୁଟୁଛନ୍ତି। ଆଉ କେତେବେଳେ ମନ୍ଦିରକୁ ରାସ୍ତା ତ ଆଉ କେତେବେଳେ ମନ୍ଦିର ଭିତରେ ଭିଡର ସୁଯୋଗ ନେଇ ଭକ୍ତ ବେଶରେ ସୁନା ଅଳଙ୍କାର ନେଇଯାଉଛନ୍ତି ସପ୍ତାହକରେ ପୃଥକ୍ ପୃଥକ୍ ୩ ମହିଳାଙ୍କ ବେକରୁ ୭୮ ଗ୍ରାମ ଓଜନର ସୁନା ଅଳଙ୍କାର ଲୁଟି ନେଇ ପୋଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ଚିରା ଚରିତ ଢଙ୍ଗରେ ତଦନ୍ତ କରିବାରେ ଲାଗିଛି। ଶନିବାର ବଡ଼ ଏକାଦଶୀ । ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ। ବଡବଜାର ଥାନା ଅନ୍ତର୍ଗତ ଖସ୍ୱା ସାହିସ୍ଥିତ ଜଗନ୍ନାଥ ମନ୍ଦିରରେ ଜଣେ ବୃଦ୍ଧାଙ୍କ ବେକରୁ ସୁନା ହାର ଲୁଟ ହୋଇଛି। ପୁରୁଣା ବ୍ରହ୍ମପୁର ଛକର ଝିଲି କର ମନ୍ଦିରରେ ଧାଡିରେ ଛିଡା ହୋଇଥିବା ବେଳେ ତାଙ୍କ ବେକରୁ ୨୫ ଗ୍ରାମର ଏକ ସୁନା ହାର ଲୁଟ ହୋଇଛି। ସେ ଏନେଇ ବଡ ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି। ସେହିପରି ପୂର୍ବରୁ ଗତ ୧ ତାରିଖ ପୂର୍ବାହ୍ଣ ପ୍ରାୟ ୧୦ଟାରେ ପି. ନାଗଲକ୍ଷ୍ମୀ ନାମ୍ନୀ ଜଣେ ମହିଳା ମନ୍ଦିରକୁ ଯାଉଥିବା ବେଳେ ମିଲିଟାରୀ ଲାଇନରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ କିଛି ପଚାରିବା ଆଳରେ ତାଙ୍କ ବେକରୁ ୨୫ ଗ୍ରାମର ମଙ୍ଗଳସୂତ୍ର ଝାମ୍ପି ନେଇଥିଲେ। ଅଭିଯୋଗ ପରେ ଟାଉନ ଥାନା ପୋଲିସ ନଂ.୫୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ସଦର ଥାନା ଅନ୍ତର୍ଗତ ବାଲିପଡା ନିକଟରେ ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ସୁନା ହାର ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତନାଘନା ଚଳାଇଛି। ରାଜପଥରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଲୁଟେରାଙ୍କୁ ଧରିବା ପାଇଁ ପ୍ରୟାସ କରୁଛି। ବଡବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ରାଧାକାନ୍ତସାହିର ଶ୍ରୀଧର ବିଷୋୟୀ ଓ ତାଙ୍କ ଭାଉଜ ଗତ ୩ ତାରିଖ ରେ ଏକ ଭୋଜି ଘରେ ଯୋଗ ଦେବାପାଇଁ ବାଇକରେ ଯାଉଥିଲେ। ବାଲିପଡ଼ା ନିକଟରେ ଦୁଇଜଣ ଯୁବକ ତାଙ୍କ ଗାଡ଼ି ପାଖକୁ ଆସି ରହିଥିଲେ। ସେମାନେ ଶ୍ରୀଧରଙ୍କୁ ମହୁରୀ କଲୁଆ ମନ୍ଦିରକୁ ରାସ୍ତା ପଚାରିଥିଲେ। ବାଇକ ପଛରେ ବସିଥିବା ଯୁବକ ଜଣଙ୍କ ଶ୍ରୀଧରଙ୍କୁ ଧକ୍କା ଦେବା ସହ ତାଙ୍କ ଭାଉଜଙ୍କ ବେକରୁ ୨୮ ଗ୍ରାମର ଏକ ସୁନା ହାର ଝାମ୍ପି ନେଇଥିଲେ। ମହିଳା ଜଣଙ୍କ ଚିତ୍କାର କରିଥିଲେ ମଧ ତାଙ୍କ କଥା କେହି ଶୁଣିନଥିଲେ। ଯୁବକ ଦ୍ୱୟ ଦିଗପହଣ୍ଡି ଅଭିମୁଖେ ଦ୍ରୁତ ଗତିରେ ଚାଲି ଯାଇଥିଲେ। ପରେ ସେମାନେ ଥାନାକୁ ଆସି ପୋଲିସକୁ ଏସଂକ୍ରାନ୍ତରେ ଜଣାଇଥିଲେ।

## ଭଞ୍ଜବିହାର ଭାଷା ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ



ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷା ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ର ସେଣ୍ଟ୍ରାଲ ଟ୍ରାଇବଲ ୟୁନିଭର୍ସିଟିର କୁଳପତି ପ୍ରଫେସର ତେଜସ୍ୱୀ ଭେଙ୍କାପା କଟିମଣି ଯୋଗଦେଇ ଭାଷା, ସଂସ୍କୃତି ଏବଂ ପରିଚୟ ଉପରେ ଆଲୋକପାତ କରିବା ସହ ଏହାର ସୁରକ୍ଷା ଉପରେ ମତ ରଖିଥିଲେ ସମ୍ମାନନୀୟ ଅତିଥି ଭାବେ କଲିକତାର ଭାଷା ବିଜ୍ଞାନର ଗବେଷକ ପ୍ରଫେସର ନୀଳାଦ୍ରି ଶେଖର ଦାଶ, ଭାରପ୍ରାପ୍ତ କୁଳପତି ତଥା ପିଜି କାଉନସିଲ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ଭାଷା ସୁରକ୍ଷା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ବିଭାଗର ମୁଖ୍ୟ ଡ଼. ବବିତା ସାରଙ୍ଗୀଥେମ ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ମିଳନୀର ପୁସ୍ତିକା ଉନ୍ମୋଚନ ହୋଇଥିଲା। ଡ଼.ଅନନ୍ତ କୁମାର କୁଜୁର ଧନ୍ୟବାଦ ଦେଇଥିଲେ। ଅନଲାଇନରେ ପ୍ରଫେସର ମହମ୍ମଦ ଜାହାଙ୍ଗିର ଭାଷା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଗବେଷିକା ଗବେଷକଙ୍କ ସମେତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ହଷ୍ଟେଲ ନିକଟ ପ୍ରଦୂଷଣ ବନ୍ଦ ପାଇଁ କୁଳପତିଙ୍କୁ ଦାବିପତ୍ର



ଛାତ୍ରମାନେ ଦାବିପତ୍ର ଦେବାକୁ ଆସିଥିବାବେଳେ ତାହା ପ୍ରଦର୍ଶନ କରୁଛନ୍ତି।

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ଛାତ୍ର ହଷ୍ଟେଲରେ ରହୁଥିବା ଛାତ୍ରମାନେ ବାୟୁ ପ୍ରଦୂଷଣ ସମସ୍ୟାକୁ ନେଇ ଶନିବାର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁଳସଚିବ ସଚ୍ଚିଦାନନ୍ଦ ନାୟକଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ନୂତନ ଛାତ୍ରାବାସ ଠାରୁ ମାତ୍ର ୧୦୦ ମିଟର ଦୂରରେ ବିମାନ ବନ୍ଦର ଏବଂ ରାସ୍ତା କାମ ଚାଲିଥିବା ଯୋଗୁଁ ସେଠାରେ ତାରୁ ଓ ଗୋଡ଼ି ମିଶାଇବା ପାଇଁ ମେସିନ ରହିଛି। ତାରୁ ଗରମ ହେବା ସମୟରେ କଳା ଧୂଆଁ ଏବଂ ଗୋଡି ଘାଣ୍ଟିବା ସମୟରେ ଧୂଳର ଯୋଗୁଁ ବାୟୁ ମଣ୍ଡଳ ପ୍ରଦୂଷିତ ହେଉଛି। ଫଳରେ ହଷ୍ଟେଲରେ ରହୁଥିବା ଛାତ୍ରମାନଙ୍କ ପାଇଁ ଅସୁବିଧା ହେଉଛି। ଏଥି ଯୋଗୁ ସେଠାରେ ଥିବା ୮ଟି ହଷ୍ଟେଲର ଛାତ୍ରମାନେ ଶ୍ୱାସକ୍ରିୟାଜନିତ ଅସୁବିଧା ଭୋଗୁଛନ୍ତି। ଆଖିରେ ଧୂଳି ପଡିବା ଏବଂ ପାଠପଢ଼ା ବି ବାଧାପ୍ରାପ୍ତ ହେଉଛି। ଏହାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାର୍ଥକ କୁମାର ମହାପାତ୍ର, ଅଙ୍କିତ ବିଶାଳ, ମହେଶ କୁମାର ଗୌଡ଼,ଅନିରୁଦ୍ଧ ମହାରଣା, ସମ୍ବିତ ସ୍ୱରୂପ ସିଂହ, ଜୟ ସୁରଜ ପଟ୍ଟନାୟକ, ଶ୍ରୀତମ ବେହେରା, ରଘୁନାଥ ବେହେରା, ସୁଦର୍ଶନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ସହ ଯୋଗାଯୋଗ ବେଳେ ଏହାର କିଭଳି ସମାଧାନ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

## ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀ ସଂଘର ରାଜ୍ୟ ସମ୍ମିଳନୀ

ବ୍ରହ୍ମପୁର,୮।୨(ନରସିଂହ ସାହୁ)

ଇଣ୍ଡିଆନ ବ୍ୟାଙ୍କ ଏମ୍ପ୍ଲଇଜ୍ ୟୁନିୟନ ଓଡ଼ିଶା ରାଜ୍ୟ ଶାଖାର ଦୁଇ ଦିନିଆ ୨୫ତମ ଦ୍ୱି-ବାର୍ଷିକ ସମ୍ମିଳନୀ ବ୍ରହ୍ମପୁରରେ ଶନିବାର ଆରମ୍ଭ ହେଇଛି। ଶହୀଦ୍ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ କାର୍ଯ୍ୟକ୍ରମକୁ ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ଫେଡେରେଶନ (ଏଓବିଇଏଫ) ସଭାପତି ପ୍ରକାଶ ରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଇଇଏଫ (ଇଣ୍ଡିଆନ ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେସନ) ସାଧାରଣ ସମ୍ପାଦକ ହରି ରାଏ ଯୋଗ ଦେଇଥିଲେ। ବିଇଏଫଆଇ ପୂର୍ବତନ ଯୁଗ୍ମ ସମ୍ପାଦକ ପ୍ରଦୀପ ଷଡ଼ଙ୍ଗୀ, ଅନ୍ୟତମ ବକ୍ତା ଭାବେ ଯୋଗଦେଇ ବିଭିନ୍ନ ସମୟରେ ହୋଇଥିବା ବ୍ୟାଙ୍କ କର୍ମଚାରୀଙ୍କ ଆନ୍ଦୋଳନରେ ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକାର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ବ୍ୟାଙ୍କ ବ୍ରହ୍ମପୁର ମଣ୍ଡଳର ଅଧିକାରୀ ଉତ୍ସବ ଚରଣ ପାତ୍ର, ଅଜୟ ମହାନ୍ତି, ହରିହର ଆଚାର୍ଯ୍ୟ, ପ୍ରଭାଷ ଷଣ୍ଢ ଉଦ୍‌ବୋଧନ ଦେଇଥିଲେ। ସମ୍ମିଳନୀ ପାଇଁ ଗଠିତ ଅଭ୍ୟର୍ଥନା କମିଟି ଅଧକ୍ଷ ଶିବ ପ୍ରସାଦ ମହାପାତ୍ର ବିଭିନ୍ନ ସ୍ଥାନରୁ ଆସିଥିବା କର୍ମଚାରୀଙ୍କୁ ସ୍ୱାଗତ ଜଣାଇଥିଲେ। ସୁନେଜ ପାଣିଗ୍ରାହୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ମନୋଜ ମୁଦୁଲି ବିବରଣୀ ପାଠ କରି ଇଣ୍ଡିଆନ ବ୍ୟାଙ୍କରେ କର୍ମଚାରୀ ସଂଖ୍ୟା କମ ଥିବାରୁ ଗ୍ରାହକଙ୍କୁ ବ୍ୟାଙ୍କ ସେବା ଯୋଗାଇବାରେ ଦେଖା ଦେଇଥିବା ସମସ୍ୟା ନେଇ ଆଲୋକପାତ କରିଥିଲେ। ତୁରନ୍ତ ୩ ହଜାର କିରାଣି ପଦବୀରେ ନିଯୁକ୍ତି ପାଇଁ ଦାବି କରାଯାଇଥିଲା। ସମ୍ମିଳନୀ ପୂର୍ବରୁ ଇଣ୍ଡିଆନ ବ୍ୟାଙ୍କ କର୍ମଚାରୀଙ୍କ ଏକ ଶୋଭାଯାତ୍ରା ହିଲପାଟଣାରୁ ବାହାରିଥିଲା। ପ୍ରତାପ ଚୌଧୁରୀ ଓ ଅନ୍ୟମାନେ ସହଯୋଗ କରିଥିଲେ। ରବିବାର ଉଦ୍‌ଯାପନ କାର୍ଯ୍ୟକ୍ରମ ହେବ।

## ବିଶ୍ୱ ବିଦ୍ୟାଳୟ ପକ୍ଷରୁ ୭ ବିଶିଷ୍ଟ ବ୍ୟକ୍ତି ଶିକ୍ଷାଦାନ ପାଇଁ ଚୟନ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରଚେଷ୍ଟାରେ ୭ ବିଶିଷ୍ଟ ବକ୍ତିଙ୍କୁ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ମନୋନୀତ କରାଯାଇଛି। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କୁଳପତି ପ୍ରଫେସର ଦାଶ ଗତ ସିଣ୍ଡିକେଟ ବୈଠକରେ ୭ ଜଣଙ୍କ ନାମ ପ୍ରସ୍ତାବ ମଞ୍ଜୁର କରିଥିଲେ। ସେମାନେ ହେଲେ ନ୍ୟୁ ଦିଲ୍ଲୀ ଆଇ ଆଇ ଏମର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ଼.ଅଶୋକ ମହାପାତ୍ର ଜୁଲୋଜି ଏବଂ ବାୟୋଟେକନଲୋଜି,ଟାଟା ଷ୍ଟିଲର ଅବସରପ୍ରାପ୍ତ ଅଧିକାରୀ ଡ଼.ଅମ୍ବିକା ପ୍ରସାଦ ନନ୍ଦ ଅର୍ଥନିତି ବିଜ୍ଞାନ ବିଭାଗ,କୋଲ ଫିଲଡ ଲିମିଟେଡ଼ର ଅବସରପ୍ରାପ୍ତ ନିର୍ଦ୍ଦେଶିକା ଶାନ୍ତିଲତା ସାହୁ ଆଇ ଆର ଏଣ୍ଡ ପି ଏମ ବିଭାଗ, ଡେନ୍ସର ସିକତା ଦାଶ ଓଡ଼ିଆ, ଦକ୍ଷିଣ ଓଡିଶା ସଂସ୍କୃତି, ପୂର୍ବତନ ଆୟୁକ୍ତ କମିଶନର ଜଗଦାନନ୍ଦ ସୋସିଓଲୋଜି, ଅବସରପ୍ରାପ୍ତ ଆଇ ପି ଏସ ଅଫିସର ଏମ. ଅକ୍ଷୟ ଏବଂ ଜଳଦ ତ୍ରିପାଠୀ ସାଧାରଣ ପ୍ରଶାସନ, ଆଇନ ଏବଂ ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କୁ ଉନ୍ନତ ମାନର ଶିକ୍ଷାଦାନ ଦେଇ ଦକ୍ଷତା ଏବଂ ନିଯୁକ୍ତି ନିମନ୍ତେ ଏହା ସହାୟକ ହେବ। ଏହି ସ୍ୱତନ୍ତ୍ର ଶିକ୍ଷାଦାନ ଏକ ବର୍ଷ ପାଇଁ ସେମାନେ କରିବେ ବୋଲି ଜଣାପଡିଛି। ଏ ନେଇ ଗୀତାଞ୍ଜଳି ଦାଶ କହିଛନ୍ତି ଆଗାମୀ ଦିନରେ ଅବସର ପ୍ରାପ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ମନୋନୀତ କରି ସ୍ୱତନ୍ତ୍ର ଶିକ୍ଷାଦାନ ପାଇଁ ଚେଷ୍ଟା ଜାରି ରହିବ, ଯଦ୍ୱାରା ଛାତ୍ର, ଛାତ୍ରୀ ମାନେ ଉତ୍ତମ ଶିକ୍ଷାଦାନ, ଦକ୍ଷତା ହାସଲ, ନିଯୁକ୍ତି ଏବଂ ଚରିତ୍ର ଗଠନରେ ସହାୟକ ହୋଇପାରିବ ବୋଲି କହିଛନ୍ତି।

## ବ୍ରହ୍ମପୁର ଗସ୍ତରେ ହାଇକୋର୍ଟ ଜଷ୍ଟିସ, ଷ୍ଟେଟ୍ ବ୍ୟାଙ୍କ ଶାଖା ଉଦଘାଟିତ



ହାଇକୋଟ ଜଷ୍ଟିସ ଷ୍ଟେଟ ବ୍ୟାଙ୍କ ଶାଖା ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର, ୮।୨(ସୁବାସ ଚନ୍ଦ୍ର ପାଢ଼ୀ) ହାଇକୋର୍ଟ ଜଷ୍ଟିସ ତଥା ଗଞ୍ଜାମ ଜିଲାର ପ୍ରୋଟୋକଲ ଜଜ ବିଭୂପ୍ରସାଦ ରାଉତରାୟ ଶନିବାର ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ସେ ସକାଳେ ଗଞ୍ଜାମ ଜିଲ୍ଲା ଦୌରାଜଜ କୋର୍ଟ ପରିସରରେ ପହଞ୍ଚି ଥିଲେ। ଗଞ୍ଜାମ ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀଙ୍କ ସମେତ ଅନ୍ୟ ଜଜ୍‌ମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଜିଲା କୋର୍ଟ ପରିସରରେ ଷ୍ଟେଟ ବ୍ୟାଙ୍କର ନୂତନ ଶାଖାକୁ ସେ ଉଦଘାଟନ କରିଥିଲେ। ଏହି ସମୟରେ ସମସ୍ତ ଜଜ ଏବଂ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର୍ ହରିକୃଷ୍ଣ ପଣ୍ଡା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ସହିତ ଗଞ୍ଜାମ ଓକିଲ ସଂଘର ସଭାପତି ନୟନ ଚନ୍ଦ୍ର ମହାପାତ୍ର, ଉପସଭାପତି ରାମପ୍ରସାଦ ପଣ୍ଡା, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଯୁଗ୍ମସମ୍ପାଦକ ଗିରିଜା ବେହେରାଙ୍କ ସମେତ ବହୁ ଆଇନଜୀବୀ ମଧ ଉପସ୍ଥିତ ଥିଲେ। ବିଭିନ୍ନ କାମରେ କୋର୍ଟକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଏକ ବ୍ୟାଙ୍କ ଶାଖା ଖୋଲିବାକୁ ଗତ ୨୦୨୨ରୁ ଦାବି ହୋଇ ଆସୁଥିଲା।

## ରାଜସ୍ୱ ଆଦାୟରେ ଆଗୁଆ, ଭିତ୍ତିଭୂମି ବିକାଶରେ ପଛୁଆ

ବ୍ରହ୍ମପୁର,୮।୨(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ରେଲୱେ ଷ୍ଟେଶନକୁ ଅମୃତ ଭାରତ ଷ୍ଟେଶନ ଭାବେ ମାନ୍ୟତା ମିଳିବା ପରେ ଜନସାଧାରଣ ସ୍ୱାଗତ କରିଥିଲେ। ରାଜ୍ୟର ସର୍ବ ପୁରାତନ ଓ ୩ୟ ବଡ ଷ୍ଟେସନକୁ ନୂଆ ରୂପ ମିଳିବ ବୋଲି ଆଶା ସଂଚାର ହୋଇଥିଲା। କିନ୍ତୁ ଗତ ୩ ଦିନ ତଳେ ପୂର୍ବତଟ ରେଳପଥ ଜିଏମ ପରମେଶ୍ୱର ଫୁଙ୍କୱାଲ ରେଲୱେ ଷ୍ଟେଶନ ଗସ୍ତ ବେଳେ ଷ୍ଟେଶନର ନୂତନ ଡିପିଆର ସମ୍ମୁଖକୁ ଆସିଛି। ତାହା ବ୍ରହ୍ମପୁର ଓ ଦକ୍ଷିଣ ଓଡିଶାବାସୀଙ୍କୁ ଗଭୀର ଭାବେ କ୍ଷତି ପହଂଚାଇଛି ବୋଲି ଦକ୍ଷିଣ ଓଡିଶା ମିଳିତ ରେଳପଥ କ୍ରିୟାନୁଷ୍ଠାନ କମିଟି ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହି ଷ୍ଟେସନରୁ ବାର୍ଷିକ ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହେଉଥିବା ବେଳେ ଯାତ୍ରୀ ସଂଖ୍ୟା ୭୨ ଲକ୍ଷ ରହିଛି। କିନ୍ତୁ ଅନ୍ୟ ରାଜ୍ୟ ତୁଳନାରେ ବ୍ରହ୍ମପୁରକୁ ୧୯ କୋଟି ଦିଆଯାଇଛି। ଏଥିସହ କମିଟି ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସମସ୍ତ ଟ୍ରେନ ବ୍ରହ୍ମପୁର ଷ୍ଟେଶନରେ ରହଣି, ୫ ଓ ୬ନଂ ପ୍ଲାଟଫର୍ମ ନିର୍ମାଣ, କୋଚ ଓ ଡିପୋ ଏବଂ ପିଟ ଲାଇନ ନିର୍ମାଣ, ନୂତନ କୋଠା ଓ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ନୂତନ ଡିପିଆର, ଏବିଏସଏସ ଅଧୀନରେ ବ୍ରହ୍ମପୁର ଷ୍ଟେଶନର ବିକାଶ, ଆସ୍କା, ଭଞ୍ଜନଗର, ଫୁଲବାଣୀ ଓ ବୌଦ୍ଧ ଦେଇ ବ୍ରହ୍ମପୁର-ସମ୍ବଲପୁର ନୂତନ ରେଳପଥ, ରାୟଗଡା-ପଦ୍ମପୁର-ରାମନାଗୁଡା-ଡାଙ୍ଗିଲି ଦେଇ ନୂତନ ରେଳପଥ ଓ ତାରାତାରିଣୀ, ପୋଲସରା, ବୁଗୁଡା ଏବଂ ନୟାଗଡା ଦେଇ ଗୋପାଳପୁର-ତାଳଚେର ରେଳପଥ ନିର୍ମାଣ ପାଇଁ ଦାବି ହୋଇଛି। କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ସୋମନାଥ ନାୟକ, ବିଶଙ୍କର ପାତ୍ର, ଓଡିଆ ବିକାଶ ପରିଷଦର ପ୍ରିତିଶ ପାଣିଗ୍ରାହୀ, ଜିଲା ବିକାଶ ମଞ୍ଚ ଆବାହକ ରାଜେନ୍ଦ୍ର ପଣ୍ଡା, ଚାମ୍ବର ଅଫ କମର୍ସ ସ୍ୱରାଜ୍ୟ ସୁବୁଦ୍ଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କ୍ରୀଡ଼ା ମଣିଷକୁ ସୁସ୍ଥ ରଖେ



କାର୍ଯକ୍ରମରେ ଉପସ୍ଥିତ ଅତିଥି ଓ ସଂସଦର କର୍ମକର୍ତ୍ତା।

## ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଗଞ୍ଜାମ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଦୌଡକୁଦ ପ୍ରତିଯୋଗିତା ଶନିବାର ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ପୋଲିସ ଜିଲା ଆରକ୍ଷୀ ଅଧିକ୍ଷକ ଡା.ସର୍ବଣା ବିବେକ ଏମ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ଉପସ୍ଥିତ ଖେଳାଳି, ଖେଳପ୍ରେମୀଙ୍କୁ କ୍ରୀଡା ମଣିଷ ଜୀବନକୁ ସୁସ୍ଥ ରଖେ ବୋଲି କହିଥିଲେ। ତେଣୁ ଛାତ୍ରୀଛାତ୍ରମାନେ ଜୀବନରେ କ୍ରୀଡାକୁ ଗୁରୁତ୍ୱ ଦେବା ଉଚିତ। ଏହା ବନ୍ଧୁତ୍ୱ ଏବଂ ସହଭାଗିତାର ଏକ ମାଧ୍ୟମ ହେବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ (ଓଏଏସ) ଯୋଗଦେଇ ଗଞ୍ଜାମ ଜିଲାର କ୍ରୀଡାର ଇତିହାସ କହିବା ସହ କ୍ରୀଡାବିତ୍‌ଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବାରେ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି କହିଥିଲେ। କ୍ରୀଡା ସଂସଦ ସମ୍ପାଦକ ଜେ.କାମେଶ୍ୱର ରାଓ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଜିଲା କ୍ରୀଡା ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ସଂସଦର ଦୌଡକୁଦ ସମ୍ପାଦକ ପ୍ରମୋଦ କୁମାର ମହାରଣା ଖେଳାଳିଙ୍କୁ ଶୃଙ୍ଖଳିତ ହେବା ସହ ନିଜ ପ୍ରତିଭାର ଉତ୍ତମ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ସଂସଦର ଉପସଭାପତି ତାରିଣୀ ଚରଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସଂସଦର ନିର୍ବାଚିତ ଉପସଭାପତି କେଦାରନାଥ ଚୌଧୁରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତାରେ ୧୪,୧୬ ଓ ୧୮ ବର୍ଷ ଭିତରେ ବାଳିକା ବାଳକ ଯୋଗଦେଇଛନ୍ତି। ୮୦ ଦଳ ଭାଗ ନେଇଥିବାବେଳେ ୯୦୦ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସଂସଦ ପକ୍ଷରୁ କୁହାଯାଇଛି।

## ମାଈ ହାତୀ ମୃତଦେହ ଜବତ

ଜଗନ୍ନାଥ ପ୍ରସାଦ/ଭଞ୍ଜନଗର,୮।୨(ବିଭୁ ପ୍ରସାଦ ପଟ୍ଟନାୟକ/ବାବୁଲା ପ୍ରଧାନ)

ଜଗନ୍ନାଥ ପ୍ରସାଦ ବନାଞ୍ଚଳ ଅଧୀନ ବନ୍ତା ବିଟ ହାଉସ ଖଣ୍ଡିସରଠାରେ ଶୁକ୍ରବାର ଏକ ହାତୀର ମୃତ୍ୟୁ ହୋଇଥିବା ନେଇ ବନବିଭାଗ ସନ୍ଧାନ ପାଇଥିଲା। ଶନିବାର ମୃତ ଶରୀରକୁ ଠାବ କରି ବ୍ୟବଚ୍ଛେଦ କରାଯାଇଛି। ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ଜଗନ୍ନାଥ ପ୍ରସାଦ ବନାଞ୍ଚଳର ବନ୍ତା ବିଟ ଖଣ୍ଡିସର ଗ୍ରାମ୍ୟ ଜଙ୍ଗଲ ଠାରେ ଏକ ମାଇହାତୀର ମୃତ୍ୟୁ ହୋଇଥିବା ଜାଣି ସେଠାରେ ଆଞ୍ଚଳିକ ବନ ସଂରକ୍ଷକ ଡ଼.ସଞ୍ଜୟ ସ୍ୱାଇଁ, ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ବନାଞ୍ଚଳ ଅଧିକାରୀ ସୁଜାତା ରାଣୀ ପଣ୍ଡା, ଜଏଣ୍ଟ ଟାସ୍କ ଫୋର୍ସର ଇନ୍‌ସପେକ୍ଟର ରେଣୁବାଳା, ପ୍ରଣୀଧନ ଚିକିତ୍ସକ ଡାକ୍ତର ନିହାର ରଞ୍ଜନ ସାମନ୍ତରାୟ ପହଞ୍ଚିଥିଲେ। ସମସ୍ତଙ୍କ ଉପସ୍ଥିତିରେ ମୃତ ହାତୀର ନମୁନା ସଂଗ୍ରହ କରି ବ୍ୟବଚ୍ଛେଦ କରାଯାଇଥିଲା।

## କାର୍‌ରେ ଗଞ୍ଜେଇ ଚାଲାଣ, ୫ ଗିରଫ

ଭୁବନେଶ୍ୱର,୮।୨(ସୂର୍ଯ୍ୟକାନ୍ତ ବେହେରା):

କାର୍‌ରେ ବେଆଇନ ଭାବେ ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ତମାଣ୍ଡୋ ପୋଲିସ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳର ପ୍ରତାପ କୁମାର ଦିଗଲ, ମନୋଜ ସେଠୀ, ସୁନୀଲ ସାହାନୀ, କାହ୍ନୁ ଚରଣ ଗଣ୍ଡ ଓ ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ପୃଥ୍ୱୀରାଜ ତ୍ରିପାଠୀ। ସେମାନଙ୍କଠାରୁ ୪୪ କେଜି ଗଞ୍ଜେଇ ଓ ଅପରାଧରେ ବ୍ୟବହୃତ କାର୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଦର ବୃଦ୍ଧି ସତ୍ତ୍ୱେ ଗୋଲାପ, ଚକଲେଟ୍‌ର ରହିଛି ଚାହିଦା

ବ୍ରହ୍ମପୁର,୮।୨(ସ୍ମୃତି ରଞ୍ଜନ ମହାଲିକ)

ଭେଲଣ୍ଟାଇନ ସପ୍ତାହ ଆରମ୍ଭ ହୋଇଛି। ପ୍ରେମୀ ଯୁଗଳଙ୍କ ପାଇଁ ପାଳିତ ହେଉଥିବା ସପ୍ତାହଟିରେ ଫୁଲ, ଚକୋଲେଟ ଓ ଅନ୍ୟାନ୍ୟ ଉପହାର ସାମଗ୍ରୀର ଚାହିଦା ମହାନଗରରେ ବେଶ ବୃଦ୍ଧି ପାଇଛି। ଭାଲେଣ୍ଟାଇନକୁ ଦୃଷ୍ଟିରେ ରଖି ବିଭିନ୍ନ ଫୁଲ ଓ ଉପହାର ଦୋକାନ ଗୁଡିକରେ ବ୍ୟବସାୟୀମାନେ ଯୁବ ପିଢୀଙ୍କୁ ଆକୃଷ୍ଟ କଲା ଭଳି ସାମଗ୍ରୀ ବିକ୍ରି କରୁଛନ୍ତି। ଯାହାକୁ ନେଇ ଯୁବପିଢି କ୍ଷେତ୍ରରେ ମଧ ଦାମୀ ଉପହାର କିଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଭାଲେଣ୍ଟାଇନ ଦିବସକୁ ଦୃଷ୍ଟିରେ ରଖି ବଜାରର ବିଭିନ୍ନ ଫୁଲ ବଜାରରେ ବୁକେଠାରୁ ଆରମ୍ଭ କରି ଅର୍କିଡ ଭଳି ଦାମୀ ଫୁଲ ବିକ୍ରି ହେଉଛି। ବେଙ୍ଗାଲୁର ଓ ରାୟପୁର ଅଂଚଳରୁ ବିଭିନ୍ନ କିସମର ଫୁଲ ଆସୁଥିବା ବ୍ୟବସାୟୀମାନେ କହିଛନ୍ତି। ବର୍ତ୍ତମାନ ବଜାରରେ ନାଲି ଗୋଲାପ ଫୁଲ ଗୋଟା ପିଛା ୭୦ ଟଙ୍କା ରହିଥିବା ବେଳେ ବିଭିନ୍ନ ରଙ୍ଗର ଗୋଲାପ ଫୁଲ ଗୋଟା ପିଛା ୫୦ ଟଙ୍କା ରହିଛି। ଦର ବୃଦ୍ଧି ସତ୍ତ୍ୱେ ବି ଗୋଲାପ ବ୍ୟବସାୟ ଅଧିକା ରହିଥିବା ସୁବାରାଓ ଛକର ଫୁଲ ବ୍ୟବସାୟୀମାନେ କହିଛନ୍ତି। ସେହିପରି ଶନିବାର ଚକୋଲେଟ ଡେ ଥିବା କାରଣରୁ ସହରର ବିଭିନ୍ନ ଦୋକାନରେ ଭଳିକି ଭଳି ଦାମୀ ଚକୋଲେଟ ବିକ୍ରି ହେଉଛି। ଚକୋଲେଟର ଦର ୩୦୦ ଟଙ୍କା ରହିଥିବା ବେଳେ ଚକୋଲେଟ ବୁକେ ୧୨୦୦ ଟଙ୍କାରୁ ଆରମ୍ଭ ହୋଇ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ବ୍ୟବସାୟୀମାନେ ମଧ ଚାହିଦାକୁ ଦୃଷ୍ଟିରେ ରଖି ଅନଲାଇନ ଓ ଅଫ ଲାଇନ ବ୍ୟବସାୟର ମଧ ସୁବିଧା ରଖିଛନ୍ତି।



ଚକୋଲେଟ୍ ଉପହାର ସାମଗ୍ରୀ।

ସେହିପରି କାଚ ଓ ଅନ୍ୟାନ୍ୟ ସାମଗ୍ରୀରେ ପ୍ରସ୍ତୁତ ହୋଇଥିବା ଦାମୀ ଉପହାର ସାମଗ୍ରୀ ଏବଂ ଟେଡି ବିକ୍ରି ମଧ ବୃଦ୍ଧି ପାଇଛି। ଆସନ୍ତା ୧୪ ତାରିଖ ଯାଏଁ ଭାଲେଣ୍ଟାଇନ ପାଳନ ହେବାକୁ ଥିବା ବେଳେ ବ୍ୟବସାୟ ଅଧିକ ମାତ୍ରାରେ ହେବ ବୋଲି ସହରର ବହୁ ଉପହାର, ଚକୋଲେଟ ଓ ଟେଡି ବ୍ୟବସାୟୀମାନେ କହିଛନ୍ତି।

